# ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା

ସା/ପୋଷ୍ଟ/ଜିଲ୍ଲା – ଖୋର୍ଦ୍ଧା – ୭୫୨୦୫୫, ଫୋନ ନଂ- ୦୬୭୫୫-୨୨୩୫୨୫


ସଂଖ୍ୟା ୪୨୪ ତାରିଖ ୨୦.୦୨.୨୦୨୪

## ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟକ୍ଷମ
## ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା ଅଧୀନରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ପରିଚାଳିତ **ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟ**ମାନଙ୍କରେ ନିମ୍ନଲିଖିତ ପଦବୀରେ ଚୁକ୍ତିଭିତ୍ତିକ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ସମସ୍ତ ପଦବୀ ସଂପୂର୍ଣ୍ଣ ଭାବରେ ଅସ୍ଥାୟୀ, ଅର୍ଦ୍ଧ ବାର୍ଷିକ ଚୁକ୍ତି ଭିତ୍ତିକ ଏବଂ ଚୁକ୍ତି ଅବଧି ଅନ୍ତେ ସନ୍ତୋଷଜନକ କାର୍ଯ୍ୟସମ୍ପାଦନା ଭିତ୍ତିରେ ପୁନଃ ନବୀକରଣ ଯୋଗ୍ୟ ଅଟେ । ଏ ସମସ୍ତ ପଦବୀ ପାଇଁ ସବୁ ଜିଲ୍ଲାର ପ୍ରାର୍ଥୀ/ପ୍ରାର୍ଥିନୀ ଆବେଦନ କରିପାରିବେ ।

| କ୍ରମିକ ସଂଖ୍ୟା | ପଦବୀ | ଖାଲି ଥିବା ପଦବୀ ସଂଖ୍ୟା | ମାସିକ ପାରିଶ୍ରମିକ |
|---|---|---|---|
| ୧ | ପାର୍ଟ ଟାଇମ ଟିଚର – ବିଜ୍ଞାନ (ପୁରୁଷ / ମହିଳା) | ୩ | ୭ ,୫୦୦ ଟଙ୍କା (ତାଲିମ ପ୍ରାପ୍ତ)<br>୬ ,୫୦୦ ଟଙ୍କା (ଅଣତାଲିମ ପ୍ରାପ୍ତ) |
| ୨ | ପାର୍ଟ ଟାଇମ ଟିଚର - କଳା (ପୁରୁଷ / ମହିଳା) | ୨ | |
| ୩ | ଫୁଲ ଟାଇମ ଆକାଉଣ୍ଟାଣ୍ଟ | ୨ | ୧୩ ,୭୫୦ ଟଙ୍କା |
| ୪ | ମୁଖ୍ୟ ରୋଷେୟା (ପୁରୁଷ / ମହିଳା) | ୧ | ୯,୦୦୦ ଟଙ୍କା |
| ୫ | ସହକାରୀ ରୋଷେୟା (ପୁରୁଷ / ମହିଳା) | ୩ | ୬ ,୫୦୦ ଟଙ୍କା |
| ୬ | ପିଅନ ତଥା ଝାଡୁଦାର | ପୁରୁଷ -୩<br>ମହିଳା-୧ | ୬ ,୫୦୦ ଟଙ୍କା |
| ୭ | ରାତ୍ରି ଜଗୁଆଳି (ପୁରୁଷ) | ୨ | ୬ ,୫୦୦ ଟଙ୍କା |

ଆବେଦନ ପତ୍ରର ନମୁନା ସହ ଆବଶ୍ୟକୀୟ ଯୋଗ୍ୟତା ତଥା ନିଯୁକ୍ତି ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜିଲ୍ଲା ୱେବସାଇଟ www.khordha.nic.in ଓ OSEPA ୱେବସାଇଟ www.osepa.odisha.gov.in ରେ ଉପଲବ୍ଧ । ଯୋଗ୍ୟ ତଥା ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ସମସ୍ତ ଶିକ୍ଷାଗତ/ତାଲିମ ଯୋଗ୍ୟତାର ସାର୍ଟିଫିକେଟ ଓ ମାର୍କସିଟ, ଅଭିଜ୍ଞତା, ଜନ୍ମ ତାରିଖ ଓ ଆବାସିକ ପ୍ରମାଣପତ୍ର ଆଦିର ସ୍ୱସ୍ୱାକ୍ଷରିତ ଅବିକଳ ନକଲ ସହିତ ଦୁଇଟି ପାସ ପୋର୍ଟ ସାଇଜ କଲର ଫଟୋଗ୍ରାଫ ସଂଲଗ୍ନ ନିର୍ଦ୍ଧାରିତ ଫର୍ମରେ ଆବେଦନ ପତ୍ର **ତା.୧୧.୦୩.୨୦୨୪ ରିଖ ଦିବା ୧.୦୦ଘଟିକା** ସୁଦ୍ଧା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବ ଶିକ୍ଷା ଅଭିଯାନ, ଖୋର୍ଦ୍ଧା, ସା/ପୋଷ୍ଟ/ଜିଲ୍ଲା – ଖୋର୍ଦ୍ଧା, ପିନ କୋଡ଼-୭୫୨୦୫୫ ଠିକଣାରେ କେବଳ ରେଜିଷ୍ଟ୍ରୀ ଡାକ / ସ୍ପିଡ ପୋଷ୍ଟ ଜରିଆରେ ପହଞ୍ଚିବା ଆବଶ୍ୟକ । ପ୍ରାର୍ଥୀ/ପ୍ରାର୍ଥିନୀ ଏନଭଲପ ଉପରେ ସ୍ପଷ୍ଟ ଭାବରେ **"ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି (ଆବେଦନ କରୁଥିବା ପଦବୀର ନାମ)"** ଉଲ୍ଲେଖ କରିବା ଜରୁରୀ । ଉଲ୍ଲିଖିତ ଆବଶ୍ୟକୀୟ ପ୍ରମାଣପତ୍ର ସଂଲଗ୍ନ ହୋଇନଥିବା ଅସମ୍ପୂର୍ଣ୍ଣ ଆବେଦନ ପତ୍ର କିମ୍ବା ରେଜିଷ୍ଟ୍ରୀ ଡାକ / ସ୍ପିଡ ପୋଷ୍ଟ ବ୍ୟତୀତ ଅନ୍ୟାନ୍ୟ ଜରିଆରେ ଅବା ଅନ୍ତିମ ତାରିଖ/ସମୟ ପରେ ପହଞ୍ଚିଥିବା ଆବେଦନ ପତ୍ର ସଂପୂର୍ଣ୍ଣ ଭାବେ ଖାରଜ କରିଦିଆଯିବ । ଡାକ ଯୋଗେ ପହଞ୍ଚିବାରେ ବିଳମ୍ବ ପାଇଁ କର୍ତ୍ତୃପକ୍ଷ କୌଣସି ପ୍ରକାରେ ଦାୟୀ ନୁହନ୍ତି । ଏ ସମ୍ବନ୍ଧୀୟ କୌଣସି ଅଭିଯୋଗ ବା ଦାବି ଆଦୌ ଗ୍ରହଣୀୟ ହେବ ନାହିଁ । ବିନା କୌଣସି କାରଣ ଦର୍ଶାଇ ନିଯୁକ୍ତି ପ୍ରକ୍ରିୟାକୁ ଆଂଶିକ ବା ସଂପୂର୍ଣ୍ଣ ଭାବରେ ରଦ୍ଦ କରିବା କିମ୍ବା ଚୟନ ପ୍ରକ୍ରିୟାରେ କୌଣସି ପ୍ରକାର ପରିବର୍ତ୍ତନ କରିବାର ଅଧିକାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପାଖରେ ସଂରକ୍ଷିତ । ପ୍ରକୃତ ନିୟୋଜନ ସମୟରେ ଖାଲି ଥିବା ପଦବୀ ସଂଖ୍ୟା କମ ବା ବେଶୀ ହୋଇପାରେ ।

ଜିଲ୍ଲାପାଳ ତଥା ଅଧ୍ୟକ୍ଷଙ୍କ ଆଦେଶକ୍ରମେ

ସ୍ୱା/

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ,
ସମଗ୍ର ଶିକ୍ଷା, ଖୋର୍ଦ୍ଧା